# NATIONAL NEWS BULLETIN (ODIA)

**25 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜାତିସଂଘରେ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମରେ ଶାନ୍ତିରକ୍ଷା ଅଭିଯାନ ପାଇଁ ଅଧିକ ସମ୍ବଳ ବ୍ୟବସ୍ଥା କରାଯିବା ଉପରେ ଭାରତର ସ୍ଥାୟୀ ପ୍ରତିନିଧିଙ୍କ ଗୁରୁତ୍ୱାରୋପ ।

- ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନିମନ୍ତେ ଗଠିତ ଯୁଗ୍ମ ସଂସଦୀୟ କମିଟିର କାର୍ଯ୍ୟକାଳ ବୃଦ୍ଧି ।

- ଜାତିସଂଘ ସୁରକ୍ଷା ପରିଷଦରେ ପାକିସ୍ତାନର କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କଲା ଭାରତ ।

- ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସଂଧ୍ୟାରେ ଗୁଜରାଟ ଟାଇଟନ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ହେବ ମୁକାବିଲା ।

---

# ଇଣ୍ଡିଆ ଆଟ୍ ୟୁଏନ୍‌ଏସ୍‌ସି ଅନ୍ ପିସ୍‌କେପର୍ସ

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପାର୍ବଥନେନି ହରିସ୍ ସଂଘର୍ଷରତ ଅଞ୍ଚଳରେ କାର୍ଯ୍ୟରତ ଶାନ୍ତିରକ୍ଷକମାନେ ସାମ୍ନା କରୁଥିବା ବିପଦ ଉପରେ ଆଲୋଚନା କରିଛନ୍ତି । ଗତକାଲି ଜାତିସଂଘ ଶାନ୍ତି ଅଭିଯାନରେ ଅନୁକୂଳତା ବୃଦ୍ଧି ଉପରେ ଏକ ମୁକ୍ତ ବିତର୍କରେ ଭାଗନେଇ ସେ କହିଛନ୍ତି ଶାନ୍ତିରକ୍ଷକମାନେ ବିଭିନ୍ନ ସମୟରେ ଆତଙ୍କବାଦୀ ସଶସ୍ତ୍ରଗୋଷ୍ଠୀ ଏବଂ ଅନ୍ୟମାନଙ୍କଠାରୁ ବିପଦର ସମ୍ମୁଖିନ ହେଉଛନ୍ତି । କେତେକ କ୍ଷେତ୍ରରେ ସେମାନଙ୍କ ବିରୋଧରେ ଅପରାଧିକ କାର୍ଯ୍ୟକଳାପ ଦେଖାଦେଉଛି ।

ସେ କହିଛନ୍ତି ଶାନ୍ତିରକ୍ଷକମାନଙ୍କ କ୍ଷେତ୍ରରେ ଅପରାଧିକ କାର୍ଯ୍ୟକଳାପ ନେଇ ଘଟୁଥିବା ଘଟଣାରେ ତୁରନ୍ତ ନ୍ୟାୟ ପ୍ରଦାନ ଲାଗି ଆବଶ୍ୟକ ପଦକ୍ଷେପ ନେବାର ଗୁରୁତ୍ୱ ରହିଛି । ବର୍ତ୍ତମାନ ସମୟରେ ଘଟୁଥିବା ସଂଘର୍ଷ ଅତ୍ୟନ୍ତ ଜଟିଳ ହେଉଥିବାରୁ ଶାନ୍ତିରକ୍ଷା ଅଭିଯାନ ଗୁଡ଼ିକରେ ଜରୁରୀକାଳୀନ ବାଧା ଦୂର କରିବା ଲାଗି ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ଏଥିଲାଗି ଶାନ୍ତିରକ୍ଷା ଅଭିଯାନ ଗୁଡ଼ିକ ପାଇଁ ଅଧିକରୁ ଅଧିକ ସମ୍ବଳ ଏବଂ ଅର୍ଥବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଶ୍ରୀ ହରିସ୍ ଅତ୍ୟାଧୁନକି ନିରୀକ୍ଷଣ ବ୍ୟବସ୍ଥା, ଯୋଗାଯୋଗ ଏବଂ ତଥ୍ୟ ବିଶ୍ଳେଷଣ ଉପାୟଗୁଡ଼ିକର ବ୍ୟବହାର ଉପରେ ଆଲୋଚନା କରି କହିଛନ୍ତି ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେମାନେ ଯେଭଳି ମୁକାବିଲା

କରିପାରିବେ ସେଥିଲାଗି ସଚେତନତାର ଆବଶ୍ୟକତା ରହିଛି । ଏକ୍ଷେତ୍ରରେ ଭାରତ ତା'ର ଜ୍ଞାନକୌଶଳ ଓ ଅଭିଜ୍ଞତା ସମ୍ପର୍କରେ ଜଣାଇବାକୁ ପ୍ରସ୍ତୁତ ରହିଛି । ଶ୍ରୀ ହରିସ୍ କହିଛନ୍ତି ଭାରତ ସବୁ ସମୟରେ ବିଶ୍ୱଶାନ୍ତି ଦିଗରେ ବ୍ରତୀ ରହିଛି ଏବଂ ଜାତିସଂଘର ଶାନ୍ତିରକ୍ଷା ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଆଜିସୁଦ୍ଧା ଜାତିସଂଘଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ୫୦ରୁ ଅଧିକ ଅଭିଯାନରେ ଭାରତ ୩ ଲକ୍ଷରୁ ଅଧିକ ସୈନ୍ୟ ପଠାଇଛି ।

୨୦୨୪ ସେପ୍ଟେମ୍ବର ସୁଦ୍ଧା ଭାରତ ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟକ୍ରମ ପାଇଁ ପଠାଇଥିବା ସୈନ୍ୟମାନଙ୍କ ସଂଖ୍ୟାରେ ଶୀର୍ଷରେ ରହିଛି । ଏବେ ବିଶ୍ୱର ବିଭିନ୍ନ ସ୍ଥାନରେ ୧୦ଟି ଶାନ୍ତିରକ୍ଷା ଅଭିଯାନରେ ଭାରତ ୧୫୩ଜଣ ମହିଳା ସୁରକ୍ଷାକର୍ମୀଙ୍କ ସମେତ ୫ହଜାର ୩୮୪ଜଣ ଅଧିକାରୀଙ୍କୁ ପଠାଇଛି । ଏହି ଅବସରରେ ଶ୍ରୀ ହରିସ୍ ଜାତିସଂଘ ଶାନ୍ତିରକ୍ଷା ଅଭିଯାନରେ ସହିଦ ହୋଇଥିବା ୧୮୨ଜଣ ଭାରତୀୟ ସୈନ୍ୟଙ୍କ ସମେତ ୪ହଜାରରୁ ଅଧିକ ଶାନ୍ତିରକ୍ଷକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଏଲ୍ଏସ୍-ଓ୍ୱାନ୍ ନେସନ ଓ୍ୱାନ୍ ଇଲେକ୍ସନ

ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନିମନ୍ତେ ଗଠିତ ଯୁଗ୍ମ ସଂସଦୀୟ କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । କମିଟିର ଅଧ୍ୟକ୍ଷ ପି.ପି. ଚୌଧୁରୀ ଆଜି ଲୋକସଭାରେ ଆଗତ କରିଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ଲୋକସଭା

ମଞ୍ଜୁରୀ ପ୍ରଦାନ କରିଛି । ଆସନ୍ତା ମୌସୁମୀ ଅଧିବେଶନର ଶେଷ ସପ୍ତାହର ପ୍ରଥମଦିନ ପର୍ଯ୍ୟନ୍ତ ଯୁଗ୍ମ ସଂସଦୀୟ କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଛି ।

# ଆର୍‌ଏସ୍ ମିଟିଂ

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଗୃହରୁ ଟଙ୍କା ଜବତ ହେବା ଘଟଣାରେ ଆଜି ସଂଧ୍ୟାରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଏକ ବୈଠକ ଡକାଇଛନ୍ତି । ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ବୋଲି ବର୍ଣ୍ଣନା କରି ରାଜ୍ୟସଭା ଅଧ୍ୟକ୍ଷ କହିଛନ୍ତି ଏହା ସଂସଦର ଗାରିମା ସହ ଜଡିତ । ଏହି ଘଟଣାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ନେଇଥିବା ତ୍ୱରିତ ପଦକ୍ଷେପକୁ ଶ୍ରୀ ଧନଖଡ ପ୍ରଶଂସା କରିଛନ୍ତି । ଆଜି ଶୂନ୍ୟକାଳରେ ସେ କହିଛନ୍ତି ଏହି ଘଟଣାରେ ଏକ ଫଳପ୍ରଦ ଆଲୋଚନା ହେବ ବୋଲି ସେ ଆଶା କରୁଛନ୍ତି ।

ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଅଧ୍ୟକ୍ଷଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଗତକାଲି ଶ୍ରୀ ଧନଖଡ ଗୃହର ନେତା ଜେ.ପି.ନଡ୍ଡା ଏବଂ ଶ୍ରୀ ଖଡଗେଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ ।

# ଇଣ୍ଡିଆ ସ୍ଲାମ୍ସ ପାକ୍ ଆଟ୍ ୟୁଏନ୍

ଜାମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଂଶ ବୋଲି ଭାରତ ପୁର୍ନବାର ଦୋହରାଇବା ସହ ଜାତିସଂଘ ଶାନ୍ତିରକ୍ଷା ସଂସ୍କାର କାର୍ଯ୍ୟକ୍ରମରେ ଆଲୋଚନା ସମୟରେ ପାକିସ୍ତାନର କାର୍ଯ୍ୟକଳାପକୁ ଦୃଢ଼ଭାବେ ନିନ୍ଦା କରିଛି । ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ପାର୍ବଥନେନି ହରିସ୍ ପାକିସ୍ତାନର ମନ୍ତବ୍ୟକୁ ଅମୂଳକ ବୋଲି କହିବା ସହ ଜାମ୍ମୁ କାଶ୍ମୀର ଭାରତର ଥିଲା, ରହିଛି ଏବଂ ରହିବ ମଧ୍ୟ ବୋଲି କହିଛନ୍ତି । ସେ କହିଛନ୍ତି ପାକିସ୍ତାନ ବେନିୟମ ଭାବେ ଜାମ୍ମୁ-କାଶ୍ମୀରର ଏକ ଅଂଶକୁ ନିଜ ଅଧୀନରେ ରଖିଛି ଏବଂ ଏହାକୁ ତୁରନ୍ତ ମୁକ୍ତ କରିବାର ଆବଶ୍ୟକତା ରହିଛି । ଶ୍ରୀ ହରିସ୍ କହିଛନ୍ତି ପାକିସ୍ତାନ ସମର୍ଥିତ ସୀମାପାର ଆତଙ୍କବାଦକୁ ଅନ୍ୟାୟଭାବେ ଯେତେ ସମର୍ଥନ କଲେ ମଧ୍ୟ ତାହା କଦାପି ଫଳପ୍ରଦ ହେବନାହିଁ ।

ଭାରତର ସ୍ଥାୟୀ ପ୍ରତିନିଧି ପାକିସ୍ତାନ ଶାନ୍ତିରକ୍ଷା ଅଭିଯାନ ସମ୍ପର୍କରେ ଆଲୋଚନା ଚାଲିଥିବାବେଳେ ଧ୍ୟାନ ହଟାଇବା ଲାଗି କାଶ୍ମୀର ପ୍ରସଙ୍ଗ ଉପସ୍ଥାପନ କରୁଛି ବୋଲି କହିବା ସହ ଏହାକୁ ନିନ୍ଦା କରିଛନ୍ତି ।

ଭାରତ ସବୁ ସମୟରେ ପାକିସ୍ତାନ ସହ ପଡୋଶୀ ଦେଶର ସମ୍ପର୍କ ରକ୍ଷା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଇସ୍‌ଲାମାବାଦ ଶତ୍ରୁତାପୂର୍ଣ୍ଣ ଆଚରଣ କରୁଛି । ନିକଟରେ ଏକ ପୋର୍ଡକାଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ପାକିସ୍ତାନ ସବୁ ସମୟରେ ଶତ୍ରୁତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିଛି ।

# ଛତିଶଗଡ-ମାଓଇଷ୍ଟ

ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ଆଜି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ ବୀଜାପୁର ଏବଂ ଦନ୍ତେୱାଡା ଜିଲ୍ଲାର ସୀମାବର୍ତ୍ତୀ ଜଙ୍ଗଲରେ ନକ୍ସଲ ବିରୋଧୀ ଅଭିଯାନରେ ମିଳିତ ସୁରକ୍ଷାବଳକୁ ଏହି ସଫଳତା ମିଳିଛି । ଅଭିଯାନ ସମୟରେ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଆଜି ସକାଳେ ଗୁଳିବିନିମୟ ଘଟିଥିଲା । ଇତିମଧ୍ୟରେ ସୁରକ୍ଷାବଳ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ସଂପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି ।

# ଜେକେ-ଟେରୋରିଷ୍ଟ

ଜାମ୍ମୁ କାଶ୍ମୀରର କଠୁଆ ଜିଲ୍ଲାର ହୀରାନଗର ସେକ୍ଟରର ଏକ ଜଙ୍ଗଲରେ ଅନୁପ୍ରବେଶ କରିଥିବା ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ଆଜି ତୃତୀୟ ଦିନରେ ମଧ୍ୟ ତଲାସୀ ଅଭିଯାନ ଜାରି ରହିଛି । ଗତ ରବିବାର ସଂଧ୍ୟାରେ ହୀରାନଗର ସେକ୍ଟରର ସରିଆଲ ଗ୍ରାମରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ପରେ ଡିଜିପି ନଳିନୀ ପ୍ରଭାତଙ୍କ ନେତୃତ୍ୱରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ଆମ ଆକାଶବାଣୀ ଜାମ୍ମୁ ସମ୍ବାଦଦାତା ସୂଚନା ଦେଇଛନ୍ତି ସେନାର ଏକ

ହେଲିକପ୍ଟର ସେହି ଅଞ୍ଚଳରେ ପଇଁତରା ମାରୁଛି । ସେଥିରେ ଜବାନ ଅସ୍ତ୍ରଶସ୍ତ୍ର, ସନ୍ଧାନୀ କୁକୁର ଏବଂ ଡ୍ରୋନ୍ ରଖାଯାଇଛି ।

ପାକିସ୍ତାନର ଅନ୍ତର୍ଜାତୀୟ ସୀମାଠାରୁ ପାଖାପାଖି ୫ କିଲୋମିଟର ଦୂର ସରିଆଲ ଗ୍ରାମର ଏକ ନର୍ସରୀରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ପୋଲିସ୍‌ର ଏକ ସ୍ୱତନ୍ତ୍ର ଦଳ ତଲାସୀ ଅଭିଯାନ ଆରମ୍ଭ କରିଥିଲା ।

ଲୁଚି ରହିଥିବା ଆତଙ୍କବାଦୀମାନେ ପୋଲିସ ଉପରକୁ ଗୁଳି ଚଳାଇବାରୁ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା । ଗତ ଶନିବାର ଘାଟୀ ମାର୍ଗ ଦେଇ କିମ୍ବା ନୂତନ ଭାବେ ନିର୍ମିତ ସୁଡଙ୍ଗ ଦେଇ ଆତଙ୍କବାଦୀମାନେ ପ୍ରବେଶ କରିଥିବା ସନ୍ଦେହ କରାଯାଉଛି ।

# ଏନ୍‌ଏଚ୍‌ଆର୍‌ସି-ଟିଏନ୍ ମର୍ଡର

ତାମିଲନାଡୁର ତିରୁନେଲଭେଲି ଜିଲ୍ଲାରେ ଜଣେ ଅବସରପ୍ରାପ୍ତ ସବ୍‌ଇନ୍ସପେକ୍ଟରଙ୍କୁ ୪ଜଣ ବ୍ୟକ୍ତି ହତ୍ୟା କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଜାତୀୟ ମାନବାଧିକାର ଆୟୋଗ ନିଜଆଡୁ ଗ୍ରହଣ କରିଛନ୍ତି । ରିପୋର୍ଟ ଅନୁଯାୟୀ ପୀଡିତଜଣକ ଜଣେ ସାମାଜିକ କର୍ମୀ ଥିଲେ, ଯିଏ ସେହି ଅଞ୍ଚଳରେ ଓ୍ୱାର୍କଅଫ୍ ଜମି ଜବରଦଖଲ ବିରୋଧରେ ଆଇନ୍‌ଗତ ମାମଲା ଦାୟର କରୁଥିଲେ । ସେଥିପାଇଁ ତାଙ୍କୁ ହତ୍ୟା ଧମକ ମଧ୍ୟ ମିଳିଥିଲା । ମାମଲାର ଗମ୍ଭୀରତାକୁ ଦେଖି ଜାତୀୟ ମାନବାଧିକାର

ଆୟୋଗ, ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକ ଏବଂ ତିରୁନେଲଭେଲିର ଜିଲ୍ଲାପାଳଙ୍କୁ ନୋଟିସ୍ ଜାରି କରିବା ସହ ଆସନ୍ତା ୪ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ଯୋଶୀ-କଂଗ୍ରେସ

କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ବି.କେ.ଶିବକୁମାରଙ୍କ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀକୁ ସଂରକ୍ଷଣ ଦେବାଲାଗି ସମ୍ବିଧାନ ପରିବର୍ତ୍ତନ ନେଇ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ବିଜେପି' କଂଗ୍ରେସକୁ କଡା ସମାଲୋଚନା କରିଛି । ଆଜି ସଂସଦ ବାହାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କଂଗ୍ରେସକୁ କ୍ଷମା ମାଗିବା ଲାଗି ଦାବି କରିଛନ୍ତି । ସେ କହିଛନ୍ତି ଏଭଳି ମନ୍ତବ୍ୟ ସମ୍ବିଧାନର ଗାରିମା ନଷ୍ଟ କରୁଥିବାରୁ ଶ୍ରୀ ଶିବକୁମାର ମଧ୍ୟ କ୍ଷମା ମାଗିବା ଉଚିତ୍ । ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ବାରମ୍ବାର ସମ୍ବିଧାନ ଏବଂ ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ଅପମାନିତ କରିଆସୁଛି । ସେ କହିଛନ୍ତି...

**V/O**

## କଂଗ୍ରେସ-ଦିଲ୍ଲୀ ଏସ୍‌ସି ଜଜ୍

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରୁ ଟଙ୍କା ମିଳିବା ଘଟଣାରେ ଲୋକସଭାରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ମନ୍ତବ୍ୟ

ଦେବାଲାଗି କଂଗ୍ରେସ ସାଂସଦ ମନୀଷ ତିୱାରୀ ଦାବି କରିଛନ୍ତି । ସେ କହିଛନ୍ତି ଏହି ଘଟଣା ଦେଶର ସମସ୍ତ ବିଚାର ବିଭାଗ ଓ ଦେଶବାସୀଙ୍କୁ ଚିନ୍ତାରେ ପକାଇଛି ।

## ବିସିସିଆଇ ଓ୍ୱମ୍ୟାନ୍ କଣ୍ଟ୍ରାକ୍ଟ

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍  ମହିଳା କ୍ରିକେଟ୍ ଖେଳାଳିଙ୍କ ପାଇଁ ୨୦୨୪-୨୫ କ୍ରିକେଟ୍ ଋତୁ ଲାଗି ବାର୍ଷିକ ଚୁକ୍ତି ତାଲିକା ପ୍ରକାଶ କରିଛି । ଏହି ତାଲିକାରେ ୧୬ ଜଣ ଖେଳାଳି ସ୍ଥାନିତ ହୋଇଛନ୍ତି । ଭାରତୀୟ ମହିଳା ଦଳର ତିନି ପ୍ରମୁଖ ସଦସ୍ୟ ଅଧିନାୟିକା ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଏବଂ ଦୀପ୍ତି ଶର୍ମା 'ଏ' ଗ୍ରେଡ୍ ତାଲିକାଭୁକ୍ତ ହୋଇଛନ୍ତି । ସେହିଭଳି 'ବି' ଗ୍ରେଡ୍‌ରେ ୪ ଜଣ ଏବଂ 'ସି' ଗ୍ରେଡ୍‌ରେ ୯ ଜଣ ଖେଳାଳି ସ୍ଥାନିତ ହୋଇଛନ୍ତି । ଚୁକ୍ତି ବାବଦରେ 'ଏ' ଗ୍ରେଡ୍ ଖେଳାଳିଙ୍କୁ ବିସିସିଆଇ ବାର୍ଷିକ ୫୦ ଲକ୍ଷ ଟଙ୍କା, 'ବି' ଗ୍ରେଡ୍ ଖେଳାଳିଙ୍କୁ ୩୦ ଲକ୍ଷ ଟଙ୍କା ଏବଂ 'ସି' ଗ୍ରେଡ୍ ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ଅର୍ଥ ପ୍ରଦାନ କରିବ । ଏହି ଚୁକ୍ତି ୧ ଅକ୍ଟୋବର ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

# ଫୁଟବଲ୍

ଏ.ଏଫ୍.ସି. ଏସିଆନ୍ କପ୍ ୨୦୨୭ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଆଜି ଭାରତ-ବାଂଲାଦେଶ ପରସ୍ପରକୁ ଭେଟିବେ । ମେଘାଳୟର ସିଲଂ ସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ଭାରତ ଗତ ବୁଧବାର ଦିନ ମାଲଦୀପ ସହ ଖେଳିଥିବା ସୌହାର୍ଦ୍ଦପୂର୍ଣ୍ଣ ମ୍ୟାଚ୍‌ରେ ୩-୦ରେ ବିଜୟୀ ହୋଇଥିଲା । ଯୋଗ୍ୟତା ପର୍ଯ୍ୟାୟ ପାଇଁ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଗ୍ରୁପ୍-ସି ରେ ହଂକଂ, ସିଙ୍ଗାପୁର ଏବଂ ବାଂଲାଦେଶ ସହ ସ୍ଥାନିତ ହୋଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଅହମ୍ମଦାବାଦ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ବିଶାଖାପଟନମ୍‌ର ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୨୦୯ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ଦିଲ୍ଲୀ ୧୯ ଓଭର ୩ଟି ବଲ୍‌ରେ ୯ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।